## ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲାର ଆଦିବାସୀ ମହାସଭା, ନୀୟମଗିରି ସୁରକ୍ଷା ସମିତି, କଳାହାଣ୍ଡି ଶ୍ରମିକ ସମନ୍ୱୟ କମିଟି ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଶ୍ରମିକ ସମନ୍ୱୟ କମିଟି ତରଫରୁ ଦାମୋଦର ବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୌରଚନ୍ଦ୍ର ନାଏକ, ଜୀବନ ଜ୍ୟୋତି ବାଗ, ପୁଣ୍ଡରିକ ଦୁବେ, ତାପସ ପ୍ରଧାନ, ତୀର୍ଥ ବୁଧିଆ, ରାଧାକୃଷ୍ଣ ପଟେଲ ଓ ଆଦିବାସୀ ମହାସଂଘର ସୁରେଶ ମାଝି, ଅଗଷ୍ଟ ନାଏକ, ସଞ୍ଜୟ ସୁନାନୀ, ସତ୍ୟ ମାହାର, ଲିଙ୍ଗରାଜ ଆଜାଦ୍ ଉଦ୍‌ବୋଧନ ଦେଇଥିଲେ।

**ସଂକ୍ଷେପରେ**

## ସୁବର୍ଣ୍ଣପୁର : ଗୋଟିଏ ଦିନରେ ୩୫ ପଜିଟିଭ

ସୋନପୁର/ଡୁଙ୍ଗୁରିପାଲି,୯।୮ (ନି.ପ୍ର./ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲାରେ ରବିବାର ସର୍ବାଧିକ ୩୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଅଧିକାଂଶ ସ୍ଥାନୀୟ ଆକ୍ରାନ୍ତ। ସୋନପୁର ସହର ପଟାଭାଡିରୁ ୨, ତରଭା ବ୍ଲକର ମେଣ୍ଡା ଓ ଦେଉଳପଦର ଗ୍ରାମରୁ ୬ ଜଣ, ବୀରମହାରାଜପୁର ବ୍ଲକର ହିଲୁଙ୍ଗ ଓ ସୁବଳୟାର ଟିକିରିପଡାରୁ ୪ଜଣ, ବିନିକା ବ୍ଲକର କଇଁତରା ଓ ଘଣ୍ଟାପାଲିରୁ ୨ଜଣ, ଡୁଙ୍ଗୁରିପାଲି ବ୍ଲକରୁ ୨ଜଣ, ସୋନପୁର ବ୍ଲକର ବଲାଡି ଗାଁରୁ ୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରିପୋର୍ଟ ଆସିବା ପରେ ସମସ୍ତ ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡିକୁ ଜିଲାପାଳ ମୋନିଷା ବାନାର୍ଜୀ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୯ରେ ପହଞ୍ଚିଛି। ସେଥିମଧ୍ୟରୁ ୬୬ଆକ୍ରାନ୍ତଙ୍କ ଦେହରେ ଭୁତାଣୁ ସକ୍ରିୟ ଥିବା ବେଳେ ୧୦୩ଜଣ ସୁସ୍ଥ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘରକୁ ଫେରିଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# କାମରେ ଲାଗୁନି ଜଳ ପ୍ରକଳ୍ପ

ବିନିକା,୯।୮(ଡି.ଏନ୍.ଏ)


ବାଙ୍କିଘିର୍ଡି ଗାଁ ଉପରପଡାର ମହିଳାମାନେ।

- ମହିଳାଙ୍କ ଆନ୍ଦୋଳନ ଚେତାବନୀ
- ୨ କି.ମି. ଦୂରରୁ ପାଣି ଆଣିବାକୁ ପଡୁଛି
- ପ୍ରକଳ୍ପ ଫଳକରେ ଭୁଲ୍ ତଥ୍ୟ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମର ଉପରପଡାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପଡବାସୀଙ୍କ ନିଜସ୍ୱ ଖର୍ଚ୍ଚରେ ନିର୍ମିତ ଷ୍ଟାଣ୍ଡପୋଷ୍ଟରୁ ୬ ମାସ ହେଲା ପାଣି ଆସୁନାହିଁ। ଏପଟେ ଗ୍ରାମରେ ଥିବା ଦୁଇଟି ଘରୋଇ କୂଅରୁ ପାଣି ନେବାକୁ ମାଲିକ କରୋନା ଭୟରେ ମନା କରିଦେବା ଫଳରେ ପରିସ୍ଥିତି ଅସମ୍ଭାଳ ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ବି କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ରବିବାର ପୂର୍ବାହ୍ନ ୯ଟାରେ ଉପରପଡାର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳା ବାଙ୍କିଘିର୍ଡି ୱାର୍ଡ ସଭ୍ୟା ପଦ୍ମାବତୀ ଛନ୍ଦଙ୍କ ନେତୃତ୍ୱରେ ଏକ ରାଲିରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ତେବେ ସେଠାରେ କେହି କର୍ମଚାରୀ ନ ଥିବାରୁ ସେଠାରୁ ଷ୍ଟାଣ୍ଡପୋଷ୍ଟ ପର୍ଯ୍ୟନ୍ତ ଆସି ୧ ଘଣ୍ଟା ଧରି ପାଣି ସମସ୍ୟା ନେଇ ହୋ ହଲ୍ଲା କରିଥିବା ଖବର ମିଳିଛି। ଯଥଶୀଘ୍ର ପାଣି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଉପରପଡାର ନିଶାବତୀ ମେଣ୍ଡଲୀ, ଜ୍ୟୋତ୍ସ୍ନା ସାହୁ, କାଞ୍ଚନ ଦାଶ, ଭୂମି ବାଘ, ସୁକୁମାରୀ ବାଘ ପ୍ରମୁଖ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବାଙ୍କିଘିର୍ଡି ଗ୍ରାମର ଜନସଂଖ୍ୟା ୪ ହଜାର। ୨୦୦୭-୦୮ ଆର୍ଥିକ ବର୍ଷରେ ଗାଁ ତଳିପଡାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୮ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏହାର ମୂଳଲକ୍ଷ୍ୟ ଥିଲା। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୦୮-୦୯ ଆର୍ଥିକ ବର୍ଷରେ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ମାତ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ୧୦ ବର୍ଷ ପରେ ବି ୨ ଶହରୁ ଅଧିକ ପରିବାର ପାନୀୟ ଜଳ ବିନା ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ ନିର୍ମାଣ ଫଳକରେ ତ୍ରୁଟିପୂର୍ଣ୍ଣ ତଥ୍ୟ ରହିଛି। ଫଳକରେ ୨୮ଟି ଷ୍ଟାଣ୍ଡପୋଷ୍ଟ ଦର୍ଶାଯାଇଥିବା ବେଳେ ଗାଁରେ କେବଳ ୫ ଷ୍ଟାଣ୍ଡପୋଷ୍ଟ ରହିଛି। ଗୋଟିଏ ଷ୍ଟାଣ୍ଡପୋଷ୍ଟ ଗାଁର ତଳିପଡାରେ ଥିବା ବେଳେ ଅନ୍ୟ ୪ଟି ଷ୍ଟାଣ୍ଡପୋଷ୍ଟ ହରିଜନ ପଡା, ମଝିପଡା, ସଂହରାପଡା ଏବଂ ମାଳିପଡାରେ ରହିଛି। ଏହାଛଡା ଉପରପଡାବାସୀ ନିଜସ୍ୱ ଖର୍ଚ୍ଚରେ ଏକ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରିଥିଲେ। ଅଚଳ ହୋଇ ପାଣି ନ ଆସିବାରୁ ଉପରପଡାର ଲୋକଙ୍କୁ ୨ କିଲୋମିଟର ଦୂର ଯାଇ ପାଣି ସଂଗ୍ରହ କରିବାକୁ ପଡୁଛି। ଅନେକ ସମୟରେ ପୋଖରୀ, ନାଳର ଦୂଷିତ ପାଣିକୁ ଲୋକେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ବିନିକା ଆରଡବ୍ଲ୍ୟୁଏସ୍ଏସ୍ ଜେଇ ଗଜିନ୍ଦ୍ର ନାଇକଙ୍କୁ ପଚରାଯିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

## ସାପ କାମୁଡ଼ାରେ ଛାତ୍ରୀ ମୃତ

ଲଖନପୁର,୯।୮(ଡି.ଏନ୍.ଏ)

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ପମ୍ପହାଉସ ଝୁମ୍ପୁଡିପଡାର ଜଣେ ନାବାଳିକାଙ୍କ ସାପ କାମୁଡାରେ ରବିବାର ମୃତ୍ୟୁ ହୋଇଛି। ମୃତା ହେଲେ ମନିଷା ଟିର୍କି(୧୪)। ବନହରପାଲି ଥାନା ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ନାବାଳିକା ଜଣଙ୍କ ଘରେ ଶୋଇଥିବା ବେଳେ ଭୋର୍ ସାଢେ ୪ଟାରେ ତାଙ୍କ ଗଳା ଓ ହାତ ଆଙ୍ଗୁଠିକୁ କଣ କାମୁଡି ଦେଇଥିଲା। ସେ ଏ ନେଇ ବଡଭାଇ ପ୍ରଶାନ୍ତଙ୍କୁ ଜଣାଇଥିଲେ। ପରେ ବିଛଣାରେ ଏକ ବୋଡାସାପ ଦେଖିବାକୁ ମିଳିଥିଲା। ସାପକୁ ପରିବାର ଲୋକେ ମାରିଦେଇ ଆହତ ନାବାଳିକାଙ୍କୁ ଝଡାଫୁଙ୍କା ପାଇଁ ଭୁଡିଆର ଗୁଣିଆଙ୍କ ନିକଟକୁ ନେଇଥିଲେ। ପରେ ତାଙ୍କୁ ବେଲପାହାଡ ଟାଟା କ୍ରୋସାକୀ ହସ୍‌ପିଟାଲ୍‌କୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକା ଜଣଙ୍କ ତେଲେନପାଲି ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲେ।

## ୧୬ ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ସୁନ୍ଦରଗଡ, ୯।୮(ଡି.ଏନ୍.ଏ): ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ଜେ. ରାଏବଗାଠାରେ ଗତ ୨୦୧୯ ଏପ୍ରିଲ ୧୭ ତାରିଖରେ ଘଟିଥିବା ନିର୍ବାଚନୀ ହିଂସାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ମଗଧ (୩୩)ଙ୍କୁ ଦୀର୍ଘ ୧୬ ମାସ ପରେ ଭଷ୍ମା ଥାନା ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତଙ୍କୁ ପଠାଇ ଦିଆଯାଇଛି। ୨୦୧୯ ସାଧାରଣ ନିର୍ବାଚନର ପୂର୍ବ ରାତିରେ ଘଟିଥିବା ଏହି ନିର୍ବାଚନୀ ହିଂସାରେ ପୂର୍ବତନ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ଭାଇ ନରେଶ ପ୍ରତାପ ସିଂ, ରିତେଶ ସିଂ, ସୁମନ୍ତ କୁମାର ପଟେଲ ଓ ରାଜେଶ ଅଗ୍ରୱାଲ ରାଏବଗା ଗ୍ରାମକୁ ଯାଇଥିବା ବେଳେ ଅଭିଯୁକ୍ତ ରଞ୍ଜିତ ଓ ତାଙ୍କ ସହଯୋଗୀ ମାନେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା ଓ ପରେ ସେମାନେ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିଲେ। ଘଟଣାର ପରଦିନ ସୁମନ୍ତ କୁମାର ପଟେଲଙ୍କ ଅଭିଯୋଗ କ୍ରମେ ଭଷ୍ମା ଥାନାରେ ଏକ ମାମଲା (ନଂ. ୩୯/୨୦୧୯) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ରଞ୍ଜିତଙ୍କ ପାଲଟା ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ଫେରାର ଥିଲେ। ସୁନ୍ଦରଗଡରେ ଯୋଗ ଦେଇଥିବା ନୂତନ ଏସ୍‌ପି ସାଗରିକା ନାଥଙ୍କ ପଦକ୍ଷେପ ପରେ ପୋଲିସ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ସୁନ୍ଦରଗଡ ଜିଲାର ବିଭିନ୍ନ ଥାନା ଓ ଛତିଶଗଡର ବିଭିନ୍ନ ରେଳବାଇ ଥାନାରେ ସଙ୍ଗୀନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## ବାପପୁଅଙ୍କୁ କୋର୍ଟଚାଲାଣ

ବରଗଡ଼ ଅଫିସ୍,୯।୮

**ପ୍ରେମିକାଙ୍କୁ ବ୍ରିଜ୍ ତଳକୁ ଠେଲିବା ଘଟଣା**

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ-ଦେଓଗାଁ ରାସ୍ତାର ଏକ ବ୍ରିଜ ତଳକୁ ପ୍ରେମିକାଙ୍କୁ ଠେଲିବା ଏବଂ ପ୍ରେମିକ କ୍ୱାରାଣ୍ଟାଇନରେ ରହିବା ଘଟଣାର ପର୍ଦ୍ଦାଫାସ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ରବିବାର ଏହି ଘଟଣାରେ ହାଲୁପାଲି ଗ୍ରାମର ଅଭିଯୁକ୍ତ ସୁବ୍ରତ ଭୋଇ ଏବଂ ତାଙ୍କ ବାପା ଉତ୍ତମ ଭୋଇଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ.୩୧୧/୨୦) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସୁବ୍ରତ ଦାଦନ ଖଟିବାକୁ ଅହମ୍ମଦାବାଦ ଯାଇଥିଲେ ଏବଂ ସେଠାରେ ପ୍ରିୟା ସିଂ ନାମକ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ କିଛିଦିନ ତଳେ ସୁବ୍ରତ ନିଜ ପ୍ରିୟାଙ୍କୁ ଧରି ହାଲୁପାଲିସ୍ଥିତ ନିଜ ଘର ଅଭିମୁଖେ ଫେରୁଥିଲେ। ଫେରିବା ବାଟରେ ବରଡ଼ୋଲ-ଦେଓଗାଁ ରାସ୍ତାର ଏକ ବ୍ରିଜ୍ ନିକଟରେ ସୁବ୍ରତ ଏବଂ ତାଙ୍କ ବାପା ଉତ୍ତମ ଉକ୍ତ ଯୁବତୀଙ୍କୁ ମାଡ଼ପିଟ୍ କରିବା ସହିତ ବ୍ରିଜ ତଳକୁ ଠେଲି ଦେଇଥିଲେ। ପରଦିନ ସକାଳେ ସ୍ଥାନୀୟ ଲୋକେ ଯୁବତୀଙ୍କୁ ସେଠାରେ ଗୁରୁତର ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ ବରଗଡ଼ ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ଯୁବତୀ ଜଣକ ସୁସ୍ଥ ହୋଇ ଫେରିବା ପରେ ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ସୂଚନା ପାଇବା ପରେ ତାମିଲନାଡୁ ତ୍ରିପୁରରୁ ଯୁବତୀଙ୍କ ମା' ମଞ୍ଜୁ କୌର ଏବଂ ବାପା ବାବୁଲୁ ସିଂ ବରଗଡ଼ ଆସି ଥାନାରେ ଏତଲା ଦେଇଥିଲେ।

## ଜଙ୍ଗଲ ସୁରକ୍ଷା ପାଇଁ ଶପଥ

ବଲାଙ୍ଗୀର ଅଫିସ, ୯।୮

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବଲାଙ୍ଗୀର ଆନୁକୂଲ୍ୟରେ ବିଶ୍ୱ ମୂଳନିବାସୀ ଦିବସ ରବିବାର ପାଳିତ ହୋଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ପାଳିତ ସଭାକୁ ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଝାରସୁଗୁଡାରୁ ସଭାପତିତ୍ୱ କରିଥିଲେ। ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ ଓ ମୀନକେତନ ମାଝି ଏହାର ପରିଚାଳନା କରିଥିଲେ। ରାଜ୍ୟର ୨୦ଟି ଜିଲା ସଭାପତି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡୋଳାମଣି ଧରୁଆ, କୌତୁକ ପନ୍ଦର, ରଷ୍ଟ୍ରୀୟ ଅଧକ୍ଷ ଖାମସିଂ ମାଝୀ, ସୁକାନ୍ତିବାଲା ନାୟକ, ବବୁଲୁ କିସାନ, ଗଣେଶ ମାଝି, ସୁବ୍ରତ କୁଅଁର, ରାମଚନ୍ଦ୍ର ଧରୁଆ ପ୍ରମୁଖ ଭିଡ଼ିଓ କନଫରେନସ୍‌ରେ ମତ ରଖିଥିଲେ। ଅନ୍‌ଲାଇନ୍ ଶିକ୍ଷାଦାନ ପଦ୍ଧତି ଗରିବ ଓ ଧନୀ ଶିକ୍ଷାଦାନରେ ପାତରଅନ୍ତର ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ।


ବିଷ୍ଣୁମୁଣ୍ଡା ଠାରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋ କରିଛନ୍ତି।

## ୫ ଜଣଙ୍କୁ ଗିରଫ କଲା ପୋଲିସ

ବଲାଙ୍ଗୀର ଅଫିସ, ୯।୮

- ଯୁବକଙ୍କ ମୃତ୍ୟୁ ପରେ ଡାକ୍ତରଙ୍କୁ ମାଡ ଘଟଣା
- ବିଷ୍ଣୁମୁଣ୍ଡାରେ ରାସ୍ତାରୋକୋ କଲେ ଆନ୍ଦୋଳନକାରୀ
- କଳାବ୍ୟାଜ୍ ପିନ୍ଧି କାମ କଲେ ଡାକ୍ତର
- ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ହୋଇଥିଲା। ମୃତଙ୍କ ପରିଜନ ଚିକିତ୍ସା ଅବହେଳା ଅଭିଯୋଗ ଆଣି ଜଣେ ଡାକ୍ତରଙ୍କୁ ମାଡ ମାରିବା ସହ ହସ୍ପିଟାଲରେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ପୋଲିସ ଗିରଫଦାରୀର ପ୍ରତିବାଦ ଓ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆନ୍ଦୋଳନକାରୀ ବିଷ୍ଣୁମୁଣ୍ଡାଠାରେ ରାସ୍ତାରୋକୋ କରିଥିଲେ। ଅନ୍ୟପକ୍ଷେ ଡାକ୍ତରଙ୍କୁ ମାଡ ଘଟଣାର ପ୍ରତିବାଦ ଏବଂ ସୁରକ୍ଷା ଦାବିକରି ଡାକ୍ତରମାନେ କଳାବ୍ୟାଜ ପିନ୍ଧି ରବିବାର କାମ କରିଥିଲେ।

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡାର ଜିତେନ୍ଦ୍ର ସୁନା (୩୨)ଙ୍କୁ ଜ୍ୱର ହେଉଥିବାରୁ ତାଙ୍କୁ ଶନିବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ଜ୍ୱର ଲକ୍ଷଣ ଥିବାରୁ ତାଙ୍କୁ ହସ୍ପିଟାଲ ପରିସରସ୍ଥ କୋଭିଡ-୧୯ ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଫଳରେ ତାଙ୍କ ପରିଜନମାନେ ଜିତେନ୍ଦ୍ରଙ୍କୁ ସେହି ୱାର୍ଡରେ ଭର୍ତ୍ତି କରିଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଯୁବକଙ୍କ ମୃତ୍ୟୁ ପରେ ଚିକିତ୍ସା ଅବହେଳା ଅଭିଯୋଗ ଆଣି ତାଙ୍କ ପରିଜନମାନେ ଡା ସୀମାଞ୍ଚଳ ଡାକୁଆଙ୍କୁ ମାଡ ମାରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଡାକ୍ତରମାନେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣାରେ ବସିଥିଲେ। ଟାଉନ୍ ଥାନା ପୋଲିସ ଶନିବାର ରାତିରେ ୫ ଜଣଙ୍କୁ ଉଠାଇ ଆଣିଥିଲା। ରବିବାର ସେମାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଗିରଫ ପରେ ବିଷ୍ଣୁମୁଣ୍ଡାରେ କେତେକ ଲୋକ ପୂର୍ବାହ୍ନ ୧୦ଟାରୁ ରାସ୍ତାରୋକୋ କରି ଚିକିତ୍ସା ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ବୁଝାଇବା ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡାକ୍ତରଙ୍କୁ ମାଡ ଘଟଣାକୁ ନେଇ ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ପରିବାରକୁ ସେ ସମବେଦନା ଜଣାଇଛନ୍ତି।

## ଜଳୁନି ସୋଲାର ଲାଇଟ୍ , ମରାମତି ଦାବି

ବିନିକା,୯।୮(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର କୁହିବାହାଲ ଗାଁ କୁମ୍ଭାରପଡାଠାରେ ଗ୍ରାମ ପଞ୍ଚାୟତ ତରଫରୁ ଲଗା ଯାଇଥିବା ସୋଲାର ଲାଇଟ୍ ଜଳୁନାହିଁ। ଗ୍ରାମର ଏହି ପଡା ଟେରାକୋଟାରେ ପ୍ରସିଦ୍ଧି ଲାଭ କରିଛି। ପଡାର ଗଳିରେ ରହିଛି ଏକ ପ୍ରାଚୀନ କୂପ। ଯାହାର ପାଣି ସ୍ୱଚ୍ଛ ଥିବାରୁ ଏହି କୂପ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ସୋଲାର ଲାଇଟ୍ ଏହି କୂପ ଥିବା ଅଞ୍ଚଳକୁ ମଧ୍ୟ ଆଲୋକିତ କରେ। ମାତ୍ର ମାସକ ପୂର୍ବରୁ କୁମ୍ଭାରପଡାରେ ବସିଥିବା ସୋଲାର ଲାଇଟ୍ ଜଳୁନାହିଁ। ଚାର୍ଜ ହେବା ସତ୍ତ୍ୱେ କିଛି ସମସ୍ୟା ଯୋଗୁ ଏହି ଲାଇଟ୍ ଜଳୁ ନ ଥିବା ପଡାର କ୍ଷୀରାବ୍ଧୀ ସାହୁ, ସୁଶାନ୍ତ ରଣା, ପବିତ୍ର କୁମାର ରଣା, ପି. ରଣା, ଦେବେନ୍ଦ୍ର ରଣା, ବବୁନ ରଣା, ରୁସୁଭ ମହାଲିଙ୍ଗ, ପ୍ରଦୀପ ସାହୁ, ଦିଲୀପ ରଣା ପ୍ରମୁଖ ଦର୍ଶାଇଛନ୍ତି। ବର୍ତ୍ତମାନ ସୋଲାର ଲାଇଟ ଉପରେ ଏକ ବିଦ୍ୟୁତ୍ ବଲ୍ ଜାଳି ପଡାବାସୀ ରାତିରେ ଯିବା ଆସିବା କରୁଛନ୍ତି। ଅପରପକ୍ଷରେ ଗ୍ରାମର ଶେଷ ମୁଣ୍ଡ, ଗ୍ରାମ ମଧ୍ୟବର୍ତ୍ତୀ ମଣ୍ଡପ, ବିଶ୍ୱାଳ ପଡା, ତଳିପଡା କଲ୍ୟାଣ ମଣ୍ଡପ, ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଲାଗିଥିବା ସୋଲାର ଲାଇଟ୍ ଜଳୁଛି। ତୁରନ୍ତ କୁମ୍ଭାରପଡା ସୋଲାର ଲାଇଟ କିପରି ଜଳିବ ସେଥିନେଇ ବିଭାଗୀୟ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।


କୁମ୍ଭାରପଡାସ୍ଥିତ ସୋଲାର ଲାଇଟ୍।

## ସାମାଜିକ କର୍ମୀଙ୍କ ପରଲୋକ

ବିନିକା,୯।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଗ୍ରାମର ସାମାଜିକ କର୍ମୀ ଡୋଳାମଣି ନାଏକ(୫୪)ଙ୍କ ରବିବାର ପୂର୍ବାହ୍ନରେ ବାଙ୍ଗାଲୋରଠାରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ହେଲା ସେଠାରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥ ପ୍ରଧାନ, ସତ୍ୟ ନାରାୟଣ ତ୍ରିପାଠୀ , ଚକ୍ରଧର ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରଗଡ଼ ଏମ୍‌ପି

ବରଗଡ଼ ଅଫିସ୍,୯।୮: ନୂଆଁଖାଇରେ କୋଭିଡ୍ କଟକଣା କୋହଳ କରିବାକୁ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ପୂଜାରୀ ଉଲ୍ଲେଖ କରିଛନ୍ତି, ନୂଆଁଖାଇ ସଂସ୍କୃତି, ଐତିହ୍ୟ, ଭ୍ରାତୃତ୍ୱ ଏବଂ ପରମ୍ପରାର ଜୀବନ୍ତ ନିଦର୍ଶନ। କୋଭିଡ୍ କଟକଣା କୋହଳ କରି ଯେଭଳି ପୁରୀ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା, ଅନୁରୂପ ଭାବେ ନୂଆଁଖାଇରେ ମଧ୍ୟ କଟକଣାକୁ କୋହଳ କରିବା ପାଇଁ ପୂଜାରୀ ନିବେଦନ କରିଛନ୍ତି। କୋଭିଡ୍-୧୯ର କଟକଣା, ମାର୍ଗଦର୍ଶିକା ଭିତରେ ନୂଆଁଖାଇ ପର୍ବର ନୀତିକାନ୍ତି ପାଳନ ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ଆବଶ୍ୟକ ସାମଗ୍ରୀ କିଣାବିକା ସକାଶେ ନୂଆଁଖାଇ ତିଥିର ଅବ୍ୟବହିତ ପୂର୍ବରୁ କଟକଣା କୋହଳ ବ୍ୟବସ୍ଥା କରିବା ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଗରିବ କଲ୍ୟାଣ ଯୋଜନାରେ ସାମଗ୍ରୀ, ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଏମ୍‌ପି ପୂଜାରୀ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ବରଗଡ଼ରେ ପ୍ରତୀକ ସତ୍ୟାଗ୍ରହ

ବରଗଡ଼ ଅଫିସ୍,୯।୮



ଚାଷୀମାରଣ ନୀତି ପ୍ରତିବାଦରେ ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ ପ୍ରତୀକ ସତ୍ୟାଗ୍ରହ।

**ଚାଷୀମାରଣ ନୀତିର ପ୍ରତିବାଦ**

କରୋନା ସଙ୍କଟ ସମୟରେ ଦେଶର କୃଷିକ୍ଷେତ୍ର ତଥା କୃଷକମାନେ ଘୋର ସମସ୍ୟା ଦେଇ ଗତି କରୁଛନ୍ତି। ଗତ ଜୁନ ୫ତାରିଖରେ କେନ୍ଦ୍ର ସରକାରଙ୍କ ତରଫରୁ ଜାରି କରାଯାଇଥିବା ୩ଟି ଅଧ୍ୟାଦେଶର ପରିଣତି ସ୍ୱରୂପ କୃଷିକ୍ଷେତ୍ରର କମ୍ପାନୀକରଣ ପାଇଁ ଦ୍ୱାର ଉନ୍ମୁକ୍ତ ହେବ। ଉଭୟ ଚାଷୀ ଓ ଖାଉଟି ଶୋଷଣର ଶିକାର ହେବେ ବୋଲି ଜୟ କିସାନ ଆନ୍ଦୋଳନ ବରଗଡ଼ ଶାଖା ତରଫରୁ ଅଭିଯୋଗ କରିବା ସହିତ ପ୍ରତୀକ ସତ୍ୟାଗ୍ରହ ହୋଇଥିଲା। କ୍ରାନ୍ତି ଦିବସ ଅବସରରେ ବରଗଡ଼ ଗାନ୍ଧୀ ଛକରେ ସଙ୍ଗଠନର ପ୍ରମୁଖ ୫୦ଜଣ କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ବ୍ୟାନର, ପ୍ଲାକାର୍ଡ଼ ଧରି ଏକ ପଥପ୍ରାନ୍ତ ସଭା କରିଥିଲେ ଏବଂ ସଭାସ୍ଥଳରେ ବନ ଜାଇ ଅଧ୍ୟାଦେଶର ଫଟୋକପିକୁ ଦାହ କରିଥିଲେ। ଅଖିଳ ଭାରତୀୟ କିସାନ ସଂଘର୍ଷ ସମନ୍ୱୟ ସମିତିର ଡାକରାରେ ଦେଶବ୍ୟାପୀ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବରଗଡ଼ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସଙ୍ଗଠନର ବରିଷ୍ଠ ନେତା ଲିଙ୍ଗରାଜ, ଜୟ କିସାନ ଆନ୍ଦୋଳନର ସମ୍ପାଦକ ରମେଶ ମହାପାତ୍ର, ହର ବଣିଆ, ସୁଶୀଲ ସାହୁ, ମହେଶ୍ୱର ପ୍ରଧାନ, କିଶୋର ସାହୁ, ଲକ୍ଷ୍ମଣ ସୁନା, ଅରୁଣ ମହାପାତ୍ର, ନିମାଇଁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## କର୍ମଚାରୀ ଅଭାବ, ରାଜସ୍ୱ ହାନି

ବିନିକା,୯।୮(ଡି.ଏନ୍.ଏ)

**ନାହିଁ ନାହିଁରେ ଚାଲିଛି ବିନିକା ଅବକାରୀ ବିଭାଗ**

ସୁବର୍ଣ୍ଣପୁର ଜିଲା ବିନିକା ଅବକାରୀ ବିଭାଗ କାର୍ଯ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ପୂର୍ବ ଅପେକ୍ଷା ଅଧିକ ପରିମାଣର ରାଜସ୍ୱ ରାଜକୋଷକୁ ଦିଆଯାଉଥିଲେ ହେଁ ଏହି କାର୍ଯ୍ୟାଳୟର ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ବିଶେଷ କରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ଚୋରା କାରବାର ରୋକିବା ଓ ଅଧିକ ରାଜସ୍ୱ ଆଦାୟ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରୁଛି।

ବିନିକା, ଡୁଙ୍ଗୁରିପାଲି ଓ ରାମପୁର ଥାନା ଅଞ୍ଚଳ ଦାୟିତ୍ୱରେ ବିନିକା ଅବକାରୀ ବିଭାଗ କାର୍ଯ୍ୟାଳୟ ରହିଛି। ଉପରୋକ୍ତ ୩ ଥାନା ଅଞ୍ଚଳରୁ ବିଭିନ୍ନ ବାବଦରେ ରାଜସ୍ୱ ଆଦାୟ କରାଯାଇଥାଏ। ବିନିକା ଅବକାରୀ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୫କୋଟି ଟଙ୍କା ଅବକାରୀ ବାବଦ ରାଜସ୍ୱ ଆଦାୟ ହୋଇ ସରକାରଙ୍କ ରାଜକୋଷକୁ ଯାଇଛି। ଏହାସତ୍ତ୍ୱେ ଦୀର୍ଘ ବର୍ଷ ହେଲା ନାହିଁ ନାହିଁରେ ଚାଲିଛି। ବିନିକା ଅବକାରୀ ବିଭାଗ ଦ୍ୱାରା ପଞ୍ଜୀକୃତ ହୋଇ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ କରୁଥିବା ସମୁଦାୟ ୧୫ଟି ମଦ ଦୋକାନ ରହିଛି। ଚାରୋଟି ଓିପି ବନ୍ଦ ବିଦେଶୀ ମଦ ଦୋକାନ ସହିତ ଗୋଟିଏ ବିୟର ପାର୍ଲର ଓ ୧୦ଦେଶୀ ମଦଭାଟି ରହିଛି। ମାତ୍ର ବିଡମ୍ବନାର ବିଷୟ ଏସବୁର ତଦାରଖ ତଥା ଅବକାରୀ ରାଜସ୍ୱକୁ ଲୁଟୁଥିବା ଚୋରା ମଦ ବ୍ୟବସାୟୀଙ୍କୁ ଧରିବା ପାଇଁ ବିନିକା ଅବକାରୀ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଦୀର୍ଘ ୬ ମାସ ହେଲା ବିନିକା ଅବକାରୀ ବିଭାଗ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଏସ୍.ଆଇ ଅସୁସ୍ଥ ହୋଇ ଛୁଟିରେ ଅଛନ୍ତି। ତାଙ୍କ ବଦଳରେ ରମ୍ଭା ବାଘ ଏସ୍.ଆଇ ଦାୟିତ୍ୱ ତୁଲାଉଛନ୍ତି। ଏଥିସହ ୪ଟି ପୁରୁଷ ସିପାହୀ ସ୍ଥଳେ ଜଣେ ମାତ୍ର ନିୟୋଜିତ ଅଛନ୍ତି। ଏଥିସହ ବିନିକା ଅବକାରୀ ବିଭାଗରେ କାର୍ଯ୍ୟରତ ଥିବା ଓ.ଆଇ.ସିଙ୍କୁ ଗତ ମାସେ ହେଲା ସୋନପୁର ବଦଳି କରାଯାଇଥିଲେ ହେଁ ତାଙ୍କ ସ୍ଥାନ ପୂରଣ କରାଯାଇନାହିଁ। ଡାଟା ଏଣ୍ଟ୍ରି ଅପରେଟର ନ ଥିବା ବେଳେ କମ୍ପ୍ୟୁଟର ବ୍ୟବସ୍ଥା କରାଯାଇନାହିଁ। ରାତ୍ରୀ ପାଟ୍ରୋଲିଙ୍ଗ ପାଇଁ ଗାଡି କି ବାଇକ୍ ମଧ୍ୟ ନାହିଁ। ଏଭଳି ବହୁବିଧ ସମସ୍ୟାରେ ଛନ୍ଦି ହୋଇ କାମ ହେଉଥିବାରୁ ଚୋରା ମଦ ବ୍ୟବସାୟୀମାନେ ଏହାର ଲାଭ ଉଠାଉଛନ୍ତି। ସେହିପରି ନକଲି ବିଦେଶୀ ମଦ ଓ ରନ୍ଧା ମଦ ଚୋରା କାରବାର ବଢ଼ି ଚାଲିଛି। ଏଥିଯୋଗୁ ଅବକାରୀ ରାଜସ୍ୱ ହାନି ଘଟୁଛି। ଏଭଳି ପରିସ୍ଥିତିରେ ଖାଲି ଥିବା ପଦବୀଗୁଡିକ ପୂରଣ କରାଗଲେ ରାଜସ୍ୱ ଆଦାୟ ଯଥେଷ୍ଟ ବୃଦ୍ଧି ପାଇପାରନ୍ତା। ଏନେଇ ବିନିକା ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରିଣୀ ରମ୍ଭା ବାଘଙ୍କୁ ପଚାରିବାରେ କହିଛନ୍ତି ଯେ, ବିନିକା ଅବକାରୀ ବିଭାଗରେ ଦୀର୍ଘ ବର୍ଷ ହେଲା କର୍ମଚାରୀ ଅଭାବ ଲାଗି ରହିଛି। ଫଳରେ ରାଜସ୍ୱ ଆଦାୟ ଠିକ ଭାବେ ହୋଇ ପାରୁ ନ ଥିବା ଓ ଚୋରା କାରବାର ରୋକିବା କଷ୍ଟକର ହେଉଛି। କର୍ମଚାରୀ ସଂଖ୍ୟା ବୃଦ୍ଧି କରାଗଲେ ଏହିସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ।

## ସଂକ୍ଷେପରେ

### ଏମ୍‌ପିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କ୍ୱାରାଣ୍ଟାଇନରେ ରୁହନ୍ତୁ

ଝାରସୁଗୁଡା ଅଫିସ,୯।୮- ବରଗଡ ଏମ୍‌ପି ସୁରେଶ ପୂଜାରୀ କରୋନା ପଜିଟିଭ ହୋଇଥିବା ନେଇ ସେ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଏଥିପାଇଁ ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ନିକଟରେ ସେ ଝାରସୁଗୁଡା ଆସିଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୫ ଦିନ ପରେ ସେମାନଙ୍କ କୋଭିଡ୍ ପରୀକ୍ଷା କରାଯିବ ବୋଲି ଜିଲାପାଳ ଜଣାଇଛନ୍ତି। ପ୍ରକାଶ ଯେ, ଏମପି ପୂଜାରୀ କିଛି ଦିନ ତଳେ ଝାରସୁଗୁଡା ଗସ୍ତରେ ଆସି କେତେକ ଆଇନଜୀବୀଙ୍କ ସହିତ ବୈଠକ କରିଥିଲେ। ଏହା ସହିତ ବିମାନବନ୍ଦର ଛକରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ବିମାନବନ୍ଦର ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଜିଲା ପ୍ରଶାସନ ଓ ମ୍ୟୁନିସିପାଲିଟି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ଜିଲା ଭଜାପାର କେତେକ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଦେବଗଡରେ ଶହେ ଡେଇଁଲା ଆକ୍ରାନ୍ତଙ୍କ ସଂଖ୍ୟା

ଦେବଗଡ,୯।୮(ଡି.ଏନ.ଏ.)- ଦେବଗଡ ଜିଲାରେ ରବିବାର ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ଶହେ ୧୦୧ରେ ପହଞ୍ଚିଛି। ଏଥିରୁ ୯୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୭ ଜଣ ଚିକିତ୍ସାଧୀନ ରହିଛନ୍ତି। ରବିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କଲଣ୍ଡା ପଞ୍ଚାୟତର ଓ ଅନ୍ୟ ୪ଜଣ ଦେବଗଡ଼ ସହରର ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କଂଗ୍ରେସ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୯।୮(ବ୍ୟୁରୋ)- କଂଗ୍ରେସ ନେତା ଅଶୋକ କୁମାର ବେରିହାଙ୍କ ପରଲୋକରେ ଜିଲା କଂଗ୍ରେସ କମିଟି ଶୋକ ପ୍ରକାଶ କରିଛି। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ ଶୋକବାର୍ତ୍ତାରେ କହିଛନ୍ତି ଯେ, ଅଶୋକ କଂଗ୍ରେସ ଦଳରେ ଜଣେ ନିଷ୍ଠାପର ଓ ଦାୟିତ୍ୱ ସଂପନ୍ନ ନେତା ଥିଲେ। ସେ ସମ୍ବଲପୁର ପୌର ପରିଷଦର ପୂର୍ବତନ କାଉନସିଲର ଭାବେ କାର୍ଯ୍ୟ କରିଥିଲେ । ଏଥିସହ ଜିଲା କଂଗ୍ରେସ କମିଟିର ବିଭିନ୍ନ ପଦପଦବୀରେ କାର୍ଯ୍ୟଦକ୍ଷତା ଦେଖାଇଥିଲେ। ତାଙ୍କ ଆବର୍ତ୍ତନରେ ଦଳ ଜଣେ ବରିଷ୍ଠ ନେତାଙ୍କୁ ହରାଇଛି। ତାଙ୍କ ପରଲୋକରେ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ପ୍ରଧାନ, କଂଗ୍ରେସ ନେତା ସୁଧୀର କୁମାର ପଣ୍ଡା, ଆଶଫ ଅଲ୍ଲି ଖାନ, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ସମେତ ଓଡ଼ିଶା ସାଂସ୍କୃତିକ ସମାଜ, ଉତ୍ସର୍ଗ, ଜ୍ୟୋତି, ଲାୟନ୍ସ କ୍ଲବ, କୋଶଳ ବ୍ୟବସାୟୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ଏନ୍‌ଏସ୍‌ସିବି କଲେଜରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର, ୯।୮ (ବ୍ୟୁରୋ)-ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନଏସସିବି) ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ଏଥିରେ ସଂଯୋଜନା କରିଥିଲେ । ଡ. କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଇଂରାଜୀ ବିଭାଗ ଅଧାପକ ହରିହର ମଲ୍ଲିକ ସୂଚନା ପ୍ରଦାନ କରିଥିଲେ ।

# ଅସନ୍ତୋଷ ବଢ଼ାଉଛି ବିଳମ୍ବିତ ରିପୋର୍ଟ

ସମ୍ବଲପୁର, ୯।୮ (ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ପରିସ୍ଥିତିର ନିୟନ୍ତ୍ରଣ ଲାଗି ପରିଚାଳନାରେ ସମସ୍ୟା ଓ ତ୍ରୁଟି ରହୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଅନେକ ସମୟରେ କୋଭିଡ୍ କେୟାର କେନ୍ଦ୍ରରେ ସମସ୍ୟା ରହୁଛି ତ କେତେବେଳେ କଣ୍ଟେନମେଣ୍ଟ ଜୋନରେ ସମସ୍ୟା ରହୁଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ପ୍ରସ୍ତୁତ କରି ଅସନ୍ତୁଷ୍ଟ କରୋନା ଆକ୍ରାନ୍ତ ଓ ଲୋକେ ସିଧାସଳଖ ଅଭିଯୋଗ କରୁଛନ୍ତି। ଏପରିକି ରାସ୍ତାକୁ ଆସି ବିରୋଧ ପ୍ରଦର୍ଶନ କରୁଛନ୍ତି । ହେଲେ ପ୍ରତିଦିନ ନୂଆ ନୂଆ ସମସ୍ୟା ଦୃଷ୍ଟିକୁ ଆସୁଛି। ତେବେ ଜିଲାରେ କୋଭିଡ୍ ପରିସ୍ଥିତିର ନିୟନ୍ତ୍ରଣ ଲାଗି ଆଇଏଏସ୍ ଅଫିସର ଚଞ୍ଚଳ ରଣା ନିଯୁକ୍ତି ହୋଇଛନ୍ତି। ଏହା ସହ ଜିଲା ପ୍ରଶାସନର ଅଧିକାରୀଙ୍କୁ ବିଭିନ୍ନ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହିତ ଅଧିକାରୀମାନେ ପଡା ପଡା ବୁଲି ସମୀକ୍ଷା କରୁଛନ୍ତି। ହେଲେ ସମସ୍ୟା ସମାଧାନ ହୋଇ ପାରୁନାହିଁ । ସବୁଠାରୁ ସାଙ୍ଘାତିକ ଅଭିଯୋଗ କରୋନା ଆକ୍ରାନ୍ତଙ୍କ ପଜିଟିଭ ଓ ନେଗେଟିଭକୁ ରିପୋର୍ଟକୁ ନେଇ ହେଉଛି। ପଜିଟିଭ ନ ଥାଇ ଲୋକଙ୍କୁ ପ୍ରଶାସନ କୋଭିଡ୍ ହସପିଟାଲକୁ ନେଇ ଯାଉଛି। ନେଗେଟିଭ ରିପୋର୍ଟ ନ ଦେଇ ପୁଣି ଛାଡି ଦେଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ସ୍ୱାବ୍ ସଂଗ୍ରହର ୮ରୁ ୧୧ ଦିନ ପରେ ପ୍ରାୟ ରିପୋର୍ଟ ପ୍ରକାଶ ଆସିବା ନେଇ ଅଧିକ ଅସନ୍ତୋଷ ଦେଖା ଦେଇଛି । ମହାନଗର ନିଗମ ଅଧୀନ ମାନେଶ୍ୱର ଅଞ୍ଚଳର ଜଣେ ୫୫ ବର୍ଷିୟା ମହିଳାଙ୍କୁ ରବିବାର ସକାଳ ୬ ଟାରେ ପଜିଟିଭ ରିପୋର୍ଟ ଆସିଛି ବୋଲି ଫୋନ୍ ଆସିଥିଲା । ଏହାକୁ ନେଇ ପରିବାର ବର୍ଗ ଭୟଭୀତ ହୋଇଯାଇଥିଲେ । ସ୍ୱାବ୍ ସଂଗ୍ରହର ୧୧ ଦିନ ପରେ ରିପୋର୍ଟ କିଭଳି ପ୍ରକାଶ କରାଗଲା ଏହି ପରିବାର ବୋଲି ଅଭିଯୋଗ କରିଛି। ହେଲେ ପ୍ରସ୍ତୁତ ହୋଇ ରୁହ। ଗାଡି ଗଲେ କୋଭିଡ କେୟାର କେନ୍ଦ୍ରକୁ ଆସିବ ବୋଲି ସେପଟୁ ତାଙ୍କୁ ଉତ୍ତର ମିଳିଛି। ଏହି ଘଟଣା ତାଙ୍କ ପରିବାର ସମେତ ଅଞ୍ଚଳରେ ଦ୍ରୁତ ବେଗରେ ବ୍ୟାପି ଯାଇଥିଲା । ଉକ୍ତ ମହିଳାଙ୍କ ସହ ଜୁଲାଇ ୩୦ ତାରିଖ ଅନ୍ୟ ୨୩ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏଣୁ ଏତେ ଦିନ ପରେ ଏହି ମହିଳାଙ୍କ ପିଜିଟିଭ ରିପୋର୍ଟ ଆସିବା ଶୁଣି ସମସ୍ତ ୨୩ ଜଣ ଭୟଭୀତ ହୋଇପଡ଼ିଛନ୍ତି। ଏହାକୁ ନେଇ ମାନେଶ୍ୱର ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାବ୍ ସଂଗ୍ରହର ୩/୪ ଦିନ ଭିତରେ ରିପୋର୍ଟ ଜଣାଇ ଦେବାକୁ ନିୟମ ରହିଛି। ଯଦି ରିପୋର୍ଟ ଦେବାରେ ବିଳମ୍ବ ହୁଏ ତାହା ହେଲେ ଜଣେ ପଜିଟିଭ ଥିବା ବ୍ୟକ୍ତି ମଧ ବାହାରେ ବୁଲାବୁଲି କରିବ। ଫଳରେ ସଂକ୍ରମଣର ଅଧିକ ଆଶଙ୍କା ରହୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେହି ପରିବାରରୁ ସୁସ୍ଥ ହୋଇଥିବା ୪୭ ବର୍ଷର ଜଣେ ପୁରୁଷ ମଧ୍ୟ କହିଛନ୍ତି ଯେ, ତାଙ୍କ ସହିତ ମଧ୍ୟ ଏଭଳି କରାଯାଇଥିଲା। ତାଙ୍କୁ କୋଭିଡ କେୟାରରେ ରଖାଗଲା, ହେଲେ ସେଠାରେ ବ୍ୟାପକ ସମସ୍ୟା ରହିଥିଲା । ପାଇଖାନା, କୋଠରି ସଫା ସୁତୁରା ନ ଥିଲା । ଖାଦ୍ୟର ମାନ ଠିକ୍ ନ ଥିଲା। ସମୟ ଅନୁସାରେ ଖାଦ୍ୟ ଦିଆ ଯାଉ ନ ଥିଲା। ପିଇବା ପାଣି ପାଇଁ ବାରମ୍ବାର ଅଭିଯୋଗ କରିବାକୁ ପଡୁଥିଲା ବୋଲି କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ କହିଛନ୍ତି ଯେ, ସ୍ୱାବ୍ ସଂଗ୍ରହ ତୁଳନାରେ ପରୀକ୍ଷା କରିବା ସଂଖ୍ୟା ହ୍ରାସ ପାଇଛି। ଏଥିରେ ଲ୍ୟାବ୍, ମାନବସମ୍ବଳ ଭଳି ବିଭିନ୍ନ କାରଣ ରହିଛି। ଏଭଳି ସମୟରେ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ ରହିଛି। ଯେଉଁ ବ୍ୟକ୍ତିଙ୍କର ସ୍ୱାବ୍ ସଂଗ୍ରହ ହେଉଛି ସେମାନେ ଘରୁ ନ ବାହାରି ଘରେ ରୁହନ୍ତୁ। ଫଳରେ ସଂକ୍ରମଣ ପରିହତ କରାଯାଇପାରିବ।

# ବିଶ୍ୱ ଆଦିବାସୀ ଦିବସ



କର୍ଲାମୁଣ୍ଡା ବ୍ଲକ ଟେର୍ଚ୍ଚାପଲାଠାରେ ବିଶ୍ୱ ଆଦିବାସୀ ଦିବସ ସଭାରେ ଉପସ୍ଥିତ କର୍ମକର୍ତ୍ତା ।

ସମ୍ବଲପୁର, ୯।୮ (ବ୍ୟୁରୋ)

ବିଶ୍ୱ ଆଦିବାସୀ ଦିବସ ରବିବାର ସମ୍ବଲପୁର ଆଦିବାସୀ ଦଳିତ ସେନା କାର୍ଯ୍ୟାଳୟରେ ପାଳିତ ହୋଇଛି । କୋଭିଡ୍- ୧୯ କଟକଣା ଯୋଗୁ ଚଳିତ ବର୍ଷ ନିରାଡମ୍ବର ଭାବେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ହାଓ, କାର୍ଯ୍ୟକାରୀ ସଭାପତି ଥୋମାସ ମିଞ୍ଜ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ଜିଲା ସଭାପତି ସୁରେଶ ମୁଣ୍ଡା, କୋଷାଧ୍ୟକ୍ଷ ତାନିସଲାସ ବାର୍ଲା, ଉପସଭାପତି ପ୍ରିତି ପ୍ରଧାନ, ମାଇକେଲ ଲାକ୍ରା, ଜୟକୃଷ୍ଣ ଓରାମ, ସରୋଜ ମୁଣ୍ଡା, ରାଜେଶ ମୁଣ୍ଡା ଓ ପ୍ରତ୍ୟୁଷ କୁମାର ସେନାପତି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

**କର୍ଲାମୁଣ୍ଡା, (ଡି.ଏନ.ଏ.)–** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ ଟେର୍ଚ୍ଚାପଲାଠାରେ ଯୋରାଡବରା ପଞ୍ଚାୟତ କନ୍ଧ ସମାଜ ପକ୍ଷରୁ ରବିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ କନ୍ଧ ସମାଜ ସଭାପତି ଭୀମ ଭୋଇଙ୍କ ସଭାପତିତ୍ୱରେ କୋଭିଡ୍-୧୯ ନିୟମକୁ ପାଳନ କରାଯାଇ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କନ୍ଧ ସମାଜ ସଭାପତି ଗୋବର୍ଦ୍ଧନ ଭୋଇ, ବୋରପଦର ପଞ୍ଚାୟତ ସଭାପତି ଦୟା ମାଝୀ, ସମ୍ପାଦକ ନନ୍ଦିକିଶୋର ମାଝୀ, ଯୁବ ସଂଗଠକ ତରୁଣ ଜାନୀ, ବାଦଲୁ ଜାନୀ, ଜଳନ୍ଧର ଭୋଇ, ଚୈତନ୍ୟ ମାଝୀ ଓ ଡୋଳାମଣି ମାଝୀ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀଙ୍କ ଅଧିକାର ତଥା ସଂଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରାଯାଇଥିଲା।

# କାଇଁଶିରରେ ବିଜେଡି ନୂଆ ଅଫିସ


କାଇଁଶିର ରୋଡ ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ନେତା ଓ କର୍ମୀ।

ସମ୍ବଲପୁର, ୯।୮ (ବ୍ୟୁରୋ)

ସମ୍ବଲପୁର ଜିଲା ବିଜୁ ଜନତା ଦଳ (ବିଜେଡି)ର ନୂତନ କାର୍ଯ୍ୟାଳୟ କାଇଁଶିର ରୋଡଠାରେ ଶୁଭାରମ୍ଭ ହୋଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭା ସାଂସଦ ପ୍ରମିଳା ବହିଦାର ଯୋଗଦେଇ ଇଷ୍ଟଦେବୀ ସମଲେଇ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିଛବିରେ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବବିତା ପୁରୋହିତଙ୍କ ସଂଯୋଜନା ଓ ବିଜେଡି ସମ୍ବଲପୁର ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ପରିଚାଳନାରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଅଧିକାରୀ ଡା. କଳ୍ପେଶ କକ୍କଡ, ଲ୍ୟାବ ଟେକନିସିଆନ୍ ସନ୍ତୋଷ କୁମାର ଗୌଡ, ଗୀତାଞ୍ଜଳି ହୋତା, ଓମ ପ୍ରକାଶ ପଣ୍ଡା, କାମଦେବ ପଟେଲ, ମନୋବଧ ନାୟକ ରକ୍ତ ସଂଗ୍ରହ କରିଥିଲେ। ହୀରାଲାଲ ବେହେରା, ଦେବେନ୍ଦ୍ର କିଶୋର ପତି, ଅମିତାଭ ଷଡଙ୍ଗୀ, ହରାଂଶୁ ଦେବ, ବିଜୟ ସ୍ୱାଇଁ, ଅଶୋକ ମହାକୁଡ, ଲିଙ୍ଗରାଜ ତ୍ରିପାଠୀ, ଦିଲୀପ ଦାଶ, ଆଶିଷ ମିଶ୍ର, ନିସିଥ ଆକାଶ, ଅମିତ ନାଥ, ସ୍ୱର୍ଣ୍ଣମୟୀ ନାୟକ, ତାପସ ପଲେଇ, ନିଶାନ୍ତ ଦିକ୍ଷୀତ, ଶୈଳେଶ ଦାନୀ ପ୍ରମୁଖ ସହଯୋଗ କରିଥିଲେ।

### ପାଉଁଶ ଗଦାରେ ଫସିଥିବା ଗାଈ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୯।୮

ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ ରୋଡ ତଥା ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ପାଉଁଶ ଗଦା(ଦଲଦଲି)ରେ ଫସିଥିବା ଗାଈକୁ ସ୍ଥାନୀୟ ଦମକଳ ବାହିନୀ ଉଦ୍ଧାର କରିଛି। ଏହି ସ୍ଥାନରେ ପାଉଁଶ ପଡିଥିବା ବେଳେ ଏହା ଉପରେ ମାଟି ପକା ନ ଯିବାରୁ ବର୍ଷାପାଣି ଜମି ଦଲଦଲି ସୃଷ୍ଟି ହୋଇଛି। ଏହି ନିର୍ଦ୍ଦିଷ୍ଟ ସ୍ଥାନରୁ ଅଦ୍ୟାବଧି ୧୨ ଗାଈ ଉଦ୍ଧାର କରାଯାଇଥିବା ଦମକଳ ବାହିନିର ବିଜୟ କୁମାର ବିଲୁଙ୍ଗ କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ସେଠାରେ ମାଟି ପକାଇବାକୁ ସ୍ଥାନୀୟ ଅଞ୍ଚଳର ପିଙ୍କୁ ପଟେଲ କହିଛନ୍ତି। ପ୍ରକାଶଥାଉ କି ଝାରସୁଗୁଡ଼ାର ବିଭିନ୍ନ କଳକାରଖାନରୁ ବାହାରୁଥିବା ପାଉଁଶକୁ ଏଠାରେ ପକାଯାଉଛି। ହେଲେ ଏହାକୁ ସ୍ଥାୟୀଭାବେ ନଷ୍ଟ କରାଯିବା ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ।

### ସାପ କାମୁଡାରେ ଆଖି ବୁଜିଲେ ଗର୍ଭବତୀ

ସୁନ୍ଦରଗଡ, ୯।୮(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଗୋପାଳପୁରରେ ସାପ କାମୁଡାରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ଜଣକ ହେଲେ ସରତି ପ୍ରଧାନ (୨୧)। ପରିବାର ଲୋକେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଅନ୍ୟ ଏକ ଗାଡିରେ ଉକ୍ତ ମହିଳାଙ୍କୁ ପ୍ରଥମେ ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।ସେଠାରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ତାଙ୍କର କୌଣସି ଚିକିତ୍ସା ହୋଇପାରି ନ ଥିଲା। ପରେ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଗୋପାଳପୁରର ସରୋଜ ପ୍ରଧାନଙ୍କ ସ୍ତ୍ରୀ ସରତିଙ୍କୁ ଶନିବାର ରାତିରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ମହିଳା ଜଣକ ୭ମାସର ଗର୍ଭବତୀ ଥିବାବେଳେ ପରିବାର ଲୋକେ ପ୍ରଥମେ ୧୦୮ ଆମ୍ବୁଲାନ୍ସ ସେବାକୁ କଲ୍ କରି ବିଫଳ ହେବା ପରେ ନିଜ ଖର୍ଚ୍ଚରେ ଏକ ବେସରକାରୀ ଗାଡି କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ କୌଣସି ଡାକ୍ତର ନ ଥିବାରୁ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନୂଆଖାଇ ପାଇଁ କଟକଣା କୋହଳ କରିବାକୁ ଦାବି

ବଲାଙ୍ଗୀର ଅଫିସ, ୯।୮

ନୂଆଖାଇ ହେଉଛି ସମଗ୍ର କୋଶଲାଞ୍ଚଳର ମହାନ୍ ଗଣପର୍ବ। ଏଣୁ ନୂଆଖାଇ ସମୟରେ କୋଭିଡ୍ କଟକଣା କୋହଳ କରିବାକୁ କୋଶଲ ରାଜ୍ୟ ସମନ୍ୱୟ ସମିତି ଓ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। କୋଭିଡ୍-୧୯ ଆଳ ଦେଖାଇ ନୂଆଖାଇରେ କୌଣସି ପ୍ରକାର ବିଭ୍ରାଟ ନ କରିବାକୁ କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ରଜ ପୂର୍ବ ସମୟରେ ଶଟ୍‌ଡାଉନ୍ ସତ୍ତ୍ୱେ ଓଡ଼ିଶା ପ୍ରଶାସନ ଲୋକଙ୍କୁ ଅନେକ ପ୍ରକାର ରିହାତି ଦେଇଥିଲେ । ତେଣୁ ନୂଆଖାଇରେ ମଧ୍ୟ ଏଭଳି ରିହାତି ଆବଶ୍ୟକ ବୋଲି କୁହାଯାଇଛି । ନୂଆଖାଇ ପୂର୍ବ ୪ ଦିନ ଓ ପର ଦୁଇଦିନ ପର୍ଯ୍ୟନ୍ତ କଟକଣା କୋହଳ କରିବାକୁ ଅନୁରୋଧ କରାଯାଇଛି । କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ପୁରୋହିତ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି । ଅନ୍ୟପଟେ ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର ମଧ୍ୟ ନୂଆଖାଇ ପାଇଁ ଆଗାମୀ ଅଗଷ୍ଟ ୨୨, ୨୩ ଓ ୨୪ ତାରିଖ କଟକଣା କୋହଳ କରିବାକୁ ଅନୁରୋଧ କରିଛନ୍ତି । ନୂଆଖାଇ ସମୟରେ ସାମାଜିକ ଦୂରତା ପାଳନ କରିବାକୁ ଉଭୟ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି ।

# ସମ୍ବଲପୁରରେ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ସମ୍ବଲପୁର, ୯।୮ (ବ୍ୟୁରୋ)

ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରବିବାର ଏହା ୧୦୦୧ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଥିରୁ ୪୨୬ ଜଣ ସୁସ୍ଥ ହୋଇଥିବା ବେଳେ ୫୭୩ ଜଣ ଚିକିତ୍ସିତ ହେଉଛନ୍ତି । ୨ ଜଣଙ୍କ ମୃତ୍ୟୁ ଘଟିଛି । ରବିବାର ମିଳିଥିବା ରିପୋର୍ଟ ଅନୁସାରେ ୯ ଜଣ ମହିଳା ୫ ଜଣ ପୁରୁଷ ରହିଛନ୍ତି। କଣ୍ଟେନମେଣ୍ଟ ଜୋନ୍ ସଂଖ୍ୟା ୪୬କୁ ବୃଦ୍ଧି ପାଇଛି। ବିଭିନ୍ନ ଥାନା ଅଞ୍ଚଳର ୪୦ଟି ସ୍ଥାନରେ ୧୪୪ ଧାରା ଲାଗୁ କରାଯାଇଛି । ରେଙ୍ଗାଲି ଥାନା ଅଞ୍ଚଳର ରେଳୱେ କଲୋନୀ, କତରବଗା ଥାନା ଅଞ୍ଚଳର ଗୋଟିଏ ଅଂଶ, ଠେଲକୋଲି ଥାନା ଠେଲକୋଲି ଗ୍ରାମ, କୁଚିଣ୍ଡା ଥାନା ତିଳେଇମାଲ ପଞ୍ଚାୟତ, ରାମଝାଲି ଗ୍ରାମ, ଧନୁଡିହି ଗ୍ରାମ, କୁଚିଣ୍ଡା ଏନଏସିର କିଶାନକୁନ୍ଦାପୋଷି, ମନ୍ତ୍ରୀମୁଣ୍ଡା, କୁଟୁରୁଚୁଆଁ ପଞ୍ଚାୟତ ଅନ୍ତର୍ଗତ ଡୁମୁରିପଡା, ହରିଜନପଡା, ସତକମା, ଗୌଡପଡା, ଚମାରପଡା, ସହଁରାପଡା, ଅଘରିଆପଡା, ନର୍ସରୀପଡା, ଜମନକିରା ଥାନା ଅଞ୍ଚଳର କୁଲୁଣ୍ଡି ପଞ୍ଚାୟତ, କୁଲତାନୂଆପଡା, ହରିଜନପଡା, କୁଲୁଣ୍ଡି ଗ୍ରାମ, ରେଢ଼ାଖୋଲ ଥାନା ଅନ୍ତର୍ଗତ ଡଇଁଚା ପଞ୍ଚାୟତ, ଡୁଙ୍କଚଳି, ସିମିଲିପାଲ ପଞ୍ଚାୟତର କୁନସିପାଲ, ନାକଟୀଦେଉଳ ଥାନା ଅନ୍ତର୍ଗତ କୁଞ୍ଜାମୁରା ଗ୍ରାମ ରଥସାହୀ, ବାଟଗାଁ ପଞ୍ଚାୟତ ଗଙ୍ଗାଧରପୁର, କିସିଣ୍ଡା ଥାନା ଅଧୀନ ଗିରିଶ୍ଚନ୍ଦ୍ରପୁର, ଧମା ଥାନା ଅଧୀନ ପଞ୍ଚାଫୁଟ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସେହିପରି ମହାନଗର ନିଗମ ଅଧୀନ କ୍ଷେତରାଜପୁର ଷ୍ଟେସନପଡା, ରେଳୱେ କ୍ୱାଟର, ଗୁରୁନାନକ ପବ୍ଲିକ ସ୍କୁଲ, ଦଶମତିପଡା, ଠାକୁରପଡା, ଘୁନଘୁଟିପଡା, ସୁନାରୀପଡା, କୁଷ୍ଠାପଡା, ଅମରିପଡା, କ୍ଷେତିପଡା, ବଡବଜାର, ଧୁବାପଡା, ମାଧବ ବନ୍ଧ, ଗିରିଜାପଡା, ବଙ୍ଗାଲିପଡା, ମିଲ୍ ପଡା କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ହୀରାକୁଦ ଥାନା ଅଧୀନ କାଲୁପଡାର ଉପରପଡା, ଭିଏସଏସ କଲୋନୀ, ଆଇଟିଆର କଲୋନୀ, ବୁର୍ଲା ଥାନା ଅନ୍ତର୍ଗତ ବିଷ୍ଣୁ ମନ୍ଦିର ପଡା, ସୁପାରୀ ଗଳିର ମସଜିଦ୍ ଗଳି, କେନାଲ ଗଳି, ବିହାରୀପଡାକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସେହିପରି ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗର, ଦେହେରୀପାଲି, ବାଲାଜୀନଗର, ଦାନୀପାଲି, ଶୁଭମ କଲୋନୀ, ମୋର୍ଯ୍ୟ ରେସିଡେନ୍ସି, ଭାଲୁପାଲି, ଶର୍କମା ରାସ୍ତା, ମହାନଦୀ ବିହାରୀ, ମଦନାବତୀ ସ୍କୁଲ ପାଛ ପାର୍ଶ୍ୱ, ଅନଗୁଳିଆପଡା, ଖେଜିରିଆପଡା, ମାଝୀପାଲି, ଡାଏଡରୋଡ, କ୍ଷେତରାଜପୁର, ଷ୍ଟେସନପଡା, ବଡବଜାର, ଭାଟିରୋଡ, ଡିଙ୍ଗିରିପଡା, ତାଲଭଟ୍ଟାପଡା, ଠାକୁରପଡା, ଦଶମତିକଲୋନୀ, କୁଲୁଥକାନୀ, ସାକ୍ଷୀପଡା, ଗୋବିନ୍ଦତୁଲା, ମହାବୀରପଡା, କୁମ୍ଭାରପଡା, ସର୍ଲାକାନୀ, ବୁଦ୍ଧିହିଲ, ମହମ୍ମଦପୁର, ହିଣ୍ଡାଲକୋ କଲୋନୀ, କେନାଲପଡା, ଗୌଡପଡା, ଖୀଷ୍ଟିୟାନପଡାକୁ ୧୪୪ ଧାରା ଲାଗୁ କରାଯାଇଛି।

# କ୍ରାନ୍ତି ଦିବସରେ ମହାପୁରୁଷଙ୍କୁ ମାଲ୍ୟାର୍ପଣ


ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ସୁନ୍ଦରଗଡ, ୯।୮(ଡି.ଏନ୍.ଏ)

କ୍ରାନ୍ତି ଦିବସ ଉପଲକ୍ଷେ ଭାଜପା ଯୁବମୋର୍ଚ୍ଚା ସୁନ୍ଦରଗଡ ସାଙ୍ଗଠନିକ ଜିଲା ତରଫରୁ ଭାରତର ରଙ୍ଗାଢିପାଛକ ସ୍ଥିତ ସୁବାଷ ବୋଷ, ଡିଆର୍‌ଡିଏ ଛକଠାରେ ଥିବା ସ୍ୱାମୀ ବିବେକାନନ୍ଦ ଓ ଜିଲାପାଳଙ୍କ ଅଫିସଠାରେ ଥିବା ମାହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସେମାନଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଅବଗତ କରାଯାଇ ତାଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ନଗର ମଣ୍ଡଳ ସଭାପତି ଆଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ତଥା ଭାଜପା ଜିଲା ସଭାପତି ଭବାନୀ ଶଙ୍କର ଭୋଇ, ରାଜ୍ୟ ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ଜିଲା ସଭାପତି ବଟକିଶୋର ମିଶ୍ର, ଡଃ ହିମାଂଶୁ ଶେଖର ଷଡଙ୍ଗୀ, ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ଇକବାଲ ସିଂ, ଲକ୍ଷ୍ମୀକାନ୍ତ ସାହୁ, ଶ୍ରୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଇମୁଣ୍ଡାରେ ହାତୀ ଉପଦ୍ରବ

ଲାଠୋର, ୯।୮ (ଡି.ଏନ.ଏ.)

**ଫସଲ ଉଜାଡ଼ିଲା, ଗୁହାଳ ଭାଙ୍ଗି ଗାଈ ମାରିଲା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଳ ଅଧୀନ ବେନ୍ଦେର ୧ ସଂରକ୍ଷିତ ଜଙ୍ଗଲ ଭିତରେ ଗଢି ଉଠିଥିବା କୁଇମୁଣ୍ଡା ବସ୍ତିରେ ଏକ ହାତୀ ଉପଦ୍ରବ ଚଳାଇଛି। କ୍ଷୟକ୍ଷତି କରୁଥିଲେ ହେଁ ବନବିଭାଗ ତାକୁ ଘଉଡାଇବାରେ ବିଫଳ ହୋଇଛି। ଶନିବାର ରାତିରେ ସେଠାକୁ ଆସି ହାତୀ ତପନ ଛତର ଏବଂ ତହସିଲ ଛତରଙ୍କ ଧାନ, ଆଖୁ, କପା ଫସଲ ମାଡି ଦଳି ନଷ୍ଟ କରଛି। ଲାଗିଥିବା ପାଣି ମୋଟରକୁ କୂଅ ଭିତରକୁ ଫିଙ୍ଗି ଦେଇଛି। ପରେ ରବି ବାଗଙ୍କ ଗୁହାଳ ଭାଙ୍ଗିବା ସହ ତାଙ୍କର ଏକ ଗାଈ ଏବଂ ବାଛୁରିକୁ କଚାଡି ମାରିଦେଇଛି। ଗୁହାଳରେ ଥିବା ଅନ୍ୟ ୧୨ଗୋରୁ ଭୟଭୀତ ହୋଇ ଜଙ୍ଗଲ ଭିତରକୁ ଚାଲି ଯାଇଛନ୍ତି। ବନବିଭାଗ କର୍ମଚାରୀ ବାଣ ଫୁଟାଇବାରୁ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଛି। ସେହିପରି କଳାକାହ୍ନୁ ଶବର ଏବଂ କୁଶ ଶବରଙ୍କ ଗୁହାଳ ମଧ ହାତୀ ଉପଦ୍ରବରେ ଭାଙ୍ଗି ଯାଇଛି। ଖବର ପାଇ ସକାଳେ ଲାଠୋର ରେଞ୍ଜର ପ୍ରଭାତୀ ସେଠ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତର ଆକଳନ କରିଛନ୍ତି। ଉପରସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେବାପରେ କ୍ଷତିପୂରଣ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଲାଠୋର ପ୍ରାଣୀଧନ ଚିକିତ୍ସକ କାରୋ ମାରାଣ୍ଡି ଘଟଣାସ୍ଥଳରେ ମୃତ ଗାଈ ଏବଂ ବାଛୁରୀର ବ୍ୟବଚ୍ଛେଦ କରିଛନ୍ତି। ବାରମ୍ବାର ହାତୀ ଚାଷ କ୍ଷତି କରୁଥିଲେ ହେଁ ଉଚିତ କ୍ଷତିପୂରଣ ମିଳୁନାହିଁ ବୋଲି ଚାଷୀ ତପନ ଛତର ଏବଂ ରବି ବାଗ ପ୍ରକାଶ କରିଛନ୍ତି। ବେନ୍ଦେର ସରପଞ୍ଚ ଖଗେଶ୍ୱର ପଧାନ କହିଛନ୍ତି ଯେ, ଯେଉଁମାନଙ୍କର ଗୁହାଳ ଭାଙ୍ଗିଛି ସେମାନଙ୍କୁ ଏମଜିଏନଆରଇଜିଏସ୍‌ରେ ଗୁହାଳ ନିର୍ମାଣ ଲାଗି ସହାୟତା ଯୋଗାଇ ଦିଆଯିବ।


କ୍ଷତିଗ୍ରସ୍ତ ଗୁହାଳକୁ ବନ ବିଭାଗ ଅଧିକାରୀ ବୁଲି ଦେଖୁଛନ୍ତି।

# ଯନ୍ତ୍ରଣାରେ ଛଟପଟ ସୌଭାଗିନୀ

ଜାମଟିକ୍ରା, ୯।୮ (ଡି.ଏନ.ଏ.)

ଝିଅଟିଏ ଜନ୍ମ ନେବା ପରେ ଦମ୍ପତି ଖୁସିରେ ଆତ୍ମହରା ହୋଇପଡିଲେ । ହେଲେ ଏହି ଖୁସି ବେଶିଦିନ ରହିଲା ନାହିଁ। ତା'ର ମଳଦ୍ୱାର ନ ଥିବା ଜଣାପଡିବା ପରେ ସେମାନଙ୍କ ଉପରେ ଚଡ଼କ ପଡିଲା। କଟକ ବଡ଼ ଡାକ୍ତରଖାନା ନେଇ ଅପରେଶନ ପାଇଁ ଡାକ୍ତର ପରାମର୍ଶ ଦେଲେ । ସେଠାରେ ଅପରେଶନ ପାଇଁ ବହୁତ ଟଙ୍କା ଖର୍ଚ୍ଚ ହେବା ଜାଣି ସେମାନେ ଭାଙ୍ଗି ପଡିଛନ୍ତି । ଏବେ ଉକ୍ତ ଶିଶୁକନ୍ୟାର ଚିକିତ୍ସାରେ ଅର୍ଥ ବାଧକ ସାଜିଛି ।

ବରଗଡ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଲିମଛୋଡ ଗାଁର ମହେନ୍ଦ୍ର ସେଟ ଓ ଟିକେଶ୍ୱରୀଙ୍କ ଏକ ମାତ୍ର ଝିଅ ସୌଭାଗିନୀ । ବୟସ ମାତ୍ର ୧୩ ମାସ। ୨୦୧୯ ଜୁନ୍‌ରେ ବୁର୍ଲା ବଡ଼ ମେଡିକାଲରେ ଝିଅଟି ଜନ୍ମ ହୋଇଥିଲା। ଜନ୍ମ ହେବାର ତିନି ମାସ ପରେ ଜଣାପଡିଲା ଯେ ତା'ର ମଳଦ୍ୱାର ନାହିଁ। ଫଳରେ ସେ ମଳତ୍ୟାଗ କରୁନାହିଁ । ଡାକ୍ତର ଶିଶୁକୁ କଟକ ବଡ଼ ମେଡିକାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ କଟକ ନେଇଥିଲେ। ସେଠାରେ ଡାକ୍ତର କହିଲେ ଗୋଟିଏ ବର୍ଷ ପରେ ଏହି ଝିଅର ଅସ୍ତ୍ରୋପଚାର କରାଯିବ। ଫଳରେ ମନ ଦୁଃଖ କରି ନିରାଶରେ ପରିବାର ଲୋକେ ଘରକୁ ଫେରିଲେ। ଏବେ ଶିଶୁକୁ ଗୋଟିଏ ବର୍ଷ ପୂରିଯାଇଛି। ହେଲେ ଅସ୍ତ୍ରୋପଚାର ପାଇଁ କଟକ ନେବାକୁ ତାଙ୍କ ପାଖରେ ଟଙ୍କାର ଅଭାବ ରହିଛି। ଏଥିପାଇଁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏହି ପରିବାର ଅତି ଗରିବ ଶ୍ରେଣୀର। ତାଙ୍କର ଜମିବାଡି କିଛି ନାହିଁ। ଏଣେ ଶିଶୁର ମୂତ୍ର ନଳୀ ବାଟେ ମଳ ବାହାରିବାରୁ ସେ ବାରମ୍ବାର ଅଚେତ ହୋଇପଡୁଛି। ଝିଅର ଚିକିତ୍ସା ପାଇଁ ଟଙ୍କା ଅଭାବ ଚିନ୍ତାରେ ମହେନ୍ଦ୍ରଙ୍କ ମାନସିକ ସନ୍ତୁଳନ ବିଗିଡି ଯାଇଛି। ସେ ଏବେ ଘର ଛାଡି ଗାଁ ଗାଁ ବୁଲୁଛନ୍ତି। ଗୋଟିଏ ପଟେ ଝିଅର ଚିକିତ୍ସା ଅନ୍ୟପଟେ ସ୍ୱାମୀଙ୍କ ମାନସିକ ରୋଗରେ ଟିକେଶ୍ୱରୀ ଚିନ୍ତିତ ହୋଇପଡିଛନ୍ତି। ରୋଜଗାର ନାହିଁ କି ରାଶନ କାର୍ଡ ନ ଥିବାରୁ ଚାଉଳ, ଗହମ ପାଉନାହାନ୍ତି। ଫଳରେ ସେମାନେ ଭୋକ ଉପାସରେ ଦିନ କାଟୁଛନ୍ତି। କିଛି ସାହାରା ନ ଥିବାରୁ ଏବେ ମା' ଝିଅ ପତ୍ରାପାଲି ସ୍ଥିତ ବାପଘରେ ରହୁଛନ୍ତି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତା ଯୋଗାଇ ଦେଲେ ସୌଭାଗିନୀଙ୍କ ଅପରେଶନ ହୋଇପାରନ୍ତା ବୋଲି ଟିକେଶ୍ୱରୀ ଆଶା ପୋଷଣ କରିଛନ୍ତି ।


ମା'ଙ୍କ ସହିତ ସୌଭାଗିନୀ ।

**ଚିକିତ୍ସାରେ ଅର୍ଥ ସାଜିଛି ବାଧକ**

